# ସତ୍ୟପ୍ରକାଶ

(THE VOICE OF TRUTH)



MARCH - APRIL
2005

*An Oriya Bimonthly Bulletin*
*Published By the Church of Christ*

# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884 - 2363722

**Vol. 10. March & April 2005 (No. 2)**

**Published every two months in Oriya Language for the Restoration of pure New Testament Christianity**

Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. in Telugu Language.

Speaker : JOSHUA GOOTAM

Write for free Bible Correspondence Course in Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - X KAKINADA MAR.-APR.

## ଖ୍ରୀଷ୍ଟଙ୍କ ପୁନଃରୁଥାନ

## (The Resurrection of Christ)

ମନୁଷ୍ୟର ପରିତ୍ରାଣ, ମଣ୍ଡଳୀ ଓ ଖ୍ରୀଷ୍ଟଧର୍ମ ଖ୍ରୀଷ୍ଟଙ୍କ ପୁନଃରୁଥାନର ସତ୍ୟତା ଉପରେ ପ୍ରତିଷ୍ଠିତ ହୋଇଅଛି । ଯଦିଓ ଇତିହାସର ଏହି ମହାନ ସତ୍ୟତାକୁ ଖ୍ରୀଷ୍ଟଙ୍କ ନିନ୍ଦକମାନେ ଗ୍ରହଣ କରନ୍ତି ନାହିଁ, ତାହାଙ୍କ ପୁନଃରୁଥାନର ସତ୍ୟତା ପ୍ରମାଣ କରିବା ନିମନ୍ତେ ଅନେକ ପ୍ରମାଣ ଆମ୍ଭେମାନେ ଉପସ୍ଥାପନା କରିପାରୁ ।

ମନ୍ଦିର ପ୍ରାଙ୍ଗଣରେ ବ୍ୟବସାୟୀମାନଙ୍କୁ ମନ୍ଦିରରୁ ବାହାରକୁ ବାହାର କରିବା ପରେ ଯିହୁଦୀମାନେ ଯୀଶୁଙ୍କୁ କେଉଁ ଅଧିକାରରେ ଏହିସବୁ କାର୍ଯ୍ୟ କରୁଅଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଏହି ମନ୍ଦିରକୁ ବିନାଶ କର, ଆଉ ତିନିଦିନ ମଧ୍ୟରେ ମୁଁ ତାହା ତୋଳିଦେବି । ସେଥିରେ ଯିହୁଦୀମାନେ କହିଲେ, ଏହି ମନ୍ଦିର ନିର୍ମାଣ କରିବା ନିମନ୍ତେ ଛୟାଳିଶ ବର୍ଷ ଲାଗିଅଛି । ଆଉ ତୁମ୍ଭେ କଅଣ ତାହାକୁ ତିନି ଦିନରେ ତୋଳିଦେବ ? କିନ୍ତୁ ସେ ଆପଣା ଶରୀର ରୂପ ମନ୍ଦିର ସମ୍ବନ୍ଧରେ କହୁଥିଲେ । ଏଣୁ ସେ ମୃତମାନଙ୍କ ମଧ୍ୟରୁ ଉତ୍ଥାପିତ ହେଲା ଉତ୍ତାରେ ତାହାଙ୍କ ଶିଷ୍ୟମାନେ ସେ ଏହା କହିଥିଲେ ବୋଲି ସ୍ମରଣ କଲେ, ପୁଣି ସେମାନେ ଧର୍ମଶାସ୍ତ୍ର ଓ ଯୀଶୁଙ୍କ କଥିତ ବାକ୍ୟ ବିଶ୍ୱାସ କଲେ । (ଯୋହନ ୨:୧୯-୨୨)

ଲାଜରଙ୍କ ମୃତ୍ୟୁର ଚାରିଦିନ ପରେ ଯୀଶୁ ମାର୍ଥା ଓ ମରିୟମ ନିକଟକୁ ଯିବାରୁ ମାର୍ଥା ଯୀଶୁଙ୍କୁ କହିଲେ, ସେ ଯଦି ସେଠାରେ ଉପସ୍ଥିତ ଥାଆନ୍ତେ ତାହାଙ୍କ ଭ୍ରାତା ମୃତ୍ୟୁ ଭୋଗିନଥାଆନ୍ତେ । ତାହାଙ୍କୁ ଉତ୍ତର ଦେଇ ଯୀଶୁ କହିଲେ 'ମୁଁ ପୁନଃରୁଥାନ ଓ ଜୀବନ, ଯେ ମୋ'ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ ପୁଣି ଯେ କେହି ବଞ୍ଚେ ଓ ମୋ ଠାରେ ବିଶ୍ୱାସ କଲେ ସେ କଦାପି କେବେ ହେଁ ମରିବ ନାହିଁ । ଏହା କଅଣ ବିଶ୍ୱାସ କରୁଅଛ ? (ଯୋହନ ୧୧:୨୫,୨୬) ଏଥି ଉତ୍ତାରେ ପ୍ରଭୁଯୀଶୁ ସମାଧି

ନିକଟକୁ ଯାଇ ମୃତ ଲାଜରଙ୍କୁ ଜୀବିତ କରିଥିଲେ ।

ମାଥିଉ, ମାର୍କ, ଲୁକ ଓ ଯୋହନଙ୍କ ଲିଖିତ ସୁସମାଚାର ପୁସ୍ତକଗୁଡ଼ିକର ଶେଷ ଅଧ୍ୟାୟଗୁଡ଼ିକରେ ଯୀଶୁଖ୍ରୀଷ୍ଟଙ୍କ ମରଣ ସମାଧି ଓ ପୁନଃରୁଥାନର ବିବରଣ ପଢ଼ିପାରୁ । ଏହି ବିଷାଦପୂର୍ଣ୍ଣ ଇତିହାସ ନିର୍ଦ୍ଦୋଷ ଈଶ୍ୱରଙ୍କ ଦ୍ୱିତୀୟ ପୁତ୍ରଙ୍କୁ କିପରି ତାହାଙ୍କ ଶତ୍ରୁମାନେ ଯିହୁଦା ଦ୍ୱାରା ତାଡ଼ିତ କରି କ୍ରୁଶାର୍ପିତ କରିଥିଲେ ବର୍ଣ୍ଣନା କରାଯାଏ । ଅରିମାଥିଆ ଯୋଶେଫଙ୍କ ସମାଧିରେ ସମାଧିପ୍ରାପ୍ତ ହୋଇ ଯୀଶୁଙ୍କ କାହାଣୀର ଅନନ୍ତ ହୋଇଅଛି ବୋଲି ତାହାଙ୍କ ନିନ୍ଦକମାନେ ହର୍ଷଗାନ କଲେ । କିନ୍ତୁ ତାହାଙ୍କ ପ୍ରତିଜ୍ଞାନୁଯାୟୀ ଯୀଶୁଖ୍ରୀଷ୍ଟ ତୃତୀୟ ଦିନରେ ମୃତ୍ୟୁରୁ ପୁନଃରୁଥିତ ହୋଇଥିଲେ । ବାକ୍ୟ କହେ 'ବିଶ୍ରାମ ବାର ଶେଷ ହେଲା ଉତ୍ତାରେ ସପ୍ତାହର ପ୍ରଥମ ଦିବସର ପ୍ରତ୍ୟୁଷରେ ମଗ୍‌ଦଲିନୀ ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଆସିଲେ ଆଉ ଦେଖ, ମହା ଭୂମିକମ୍ପ ହେଲା, କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସେହିପ ଥର ଖଣ୍ଡିକ ଗଡ଼ାଇ ଦେଇ ତାହା ଉପରେବ ସିଲେ । ତାହାଙ୍କ ରୂପ ବିଜୁଳି ପରି ଓ ତାଙ୍କର ବସ୍ତ୍ର ହିମପରି ଶୁଭ୍ରବର୍ଣ୍ଣ ଥିଲା । ପୁଣି ତାଙ୍କ ଭୟରେ ପ୍ରହରୀମାନେ ମୃତବତ ହେଲେ । କିନ୍ତୁ ଦୂତ ସ୍ତ୍ରୀଲୋକମାନଙ୍କୁ ଉତ୍ତର ଦେଲେ ତୁମ୍ଭେମାନେ ଭୟକର ନାହିଁ । କାରଣ ତୁମ୍ଭେମାନେ ଯେ କ୍ରୁଶରେ ହତ ଯୀଶୁଙ୍କର ଅନ୍ୱେଷଣ କରିଅଛ, ତାହା ମୁଁ ଜାଣେ । ସେ ସେଠାରେ ନାହାନ୍ତି, କାରଣ ସେ ଯେପରି କହିଥିଲେ । ସେହିପରି ଉଠି ଅଛନ୍ତି । ଆସ, ସେ ଯେଉଁଠାରେ ଶୋଇଥିଲେ, ସେହି ସ୍ଥାନ ଦେଖ । ଆଉ ତୁମ୍ଭେମାନେ ଶୀଘ୍ର ଯାଇ ତାହାଙ୍କ ଶିଷ୍ୟମାନଙ୍କୁ କୁହ ସେ ମୃତମାନଙ୍କ ମଧ୍ୟରୁ ଉଠି ଅଛନ୍ତି, ପୁଣି ଦେଖ, ସେ ତୁମ୍ଭମାନଙ୍କ ଆଗେ ଗାଲିଲୀକି ଯାଉଅଛନ୍ତି, ସେଠାରେ ତୁମ୍ଭେମାନେ ତାହାଙ୍କର ଦର୍ଶନ ପାଇବ, ଦେଖ, ମୁଁ ତୁମ୍ଭମାନଙ୍କୁ କହିଲି । (ମାଥିଉ ୨୮:୧-୭)

ଯୀଶୁଖ୍ରୀଷ୍ଟଙ୍କ ସମାଧି ପରେ ପ୍ରଧାନ ଯାଜକ ଓ ଫାରୁଶୀମାନେ ପୀଲାତ ନିକଟକୁ ଯାଇ କହିଲେ, "ମହାଶୟ, ଆମ୍ଭମାନଙ୍କର ମନେ ପଡୁଅଛି, ସେହି ପ୍ରବଞ୍ଚକ ଜୀବିତ ଥିବା ସମୟରେ କହିଥିଲା । ତିନିଦିନ ଉତ୍ତାରେ ମୁଁ ଉଠିବି । ଅତଏବ ତୃତୀୟ ଦିବସ ପର୍ଯ୍ୟନ୍ତ ସମାଧି ସୁରକ୍ଷିତ ହେବା ନିମନ୍ତେ ଆଜ୍ଞା କରନ୍ତୁ ନୋହିଲେ, କେଜାଣି ତାହାର ଶିଷ୍ୟମାନେ ଆସି ତାହାକୁ ଚୋରି କରି ଲୋକଙ୍କୁ କହିବେ, ସେ ମୃତମାନଙ୍କ ମଧ୍ୟରୁ ଉଠିଅଛନ୍ତି, ତାହା ହେଲେ ପ୍ରଥମ ପ୍ରବଞ୍ଚନା ଅପେକ୍ଷା ଶେଷ ପ୍ରବଞ୍ଚନା ଅଧିକ ମନ୍ଦ ହେବ । ପୀଲାତ ସେମାନଙ୍କ ଅନୁରୋଧ ଅନୁଯାୟୀ ପ୍ରହରୀ ଦଳ ଦ୍ୱାରା ସମାଧି ସୁରକ୍ଷିତ କଲେ । କିନ୍ତୁ ବିଶ୍ରାମବାର ଗତ ହେବା ପରେ ସପ୍ତାହର ପ୍ରଥମ ଦିବସରେ

ମହା ଭୂମିକମ୍ପ ହେଲା, କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସେହି ପଥର ଖଣ୍ଡିକ ଗଡ଼ାଇ ଦେଇ ତାହା ଉପରେ ବସିଲେ...... ପୁଣି ତାଙ୍କ ଭୟରେ ପ୍ରହରୀମାନେ କମ୍ପମାନ ହୋଇ ମୃତବତ ହେଲେ । (ମାଥିଉ ୨୮:୨-୪) । ପ୍ରହରୀମାନେ ଆପଣା ସ୍ୱଜ୍ଞାନ ପାଇବା ପରେ ଘଟିଥିବା ଘଟଣାଗୁଡ଼ିକ ପ୍ରଧାନଯାଜକଙ୍କୁ ଜଣାଇଲେ । ସେମାନେ ଶୋଇପଡ଼ିଥିବା ସମୟରେ ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କ ଶରୀର ଚୋରାଇ ନେଇଗଲେ ବୋଲି ମିଥ୍ୟାପ୍ରଚାର କରିବା ନିମନ୍ତେ ସେମାନେ ବହୁତ ଟଙ୍କା ପାଇଲେ । ଏହି ବିଷୟ ଯଦି ଶାସନକର୍ତ୍ତାଙ୍କ କର୍ଣ୍ଣଗୋଚର ହୁଏ, ସେମାନେ ପ୍ରହରୀମାନଙ୍କୁ ସପକ୍ଷ କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ପ୍ରହରୀମାନଙ୍କ ଏହି ପ୍ରଚାର କେତେ ଅବିଶ୍ୱସନୀୟ ! ରୋମୀୟ ପ୍ରହରୀ ଢୁଲାଇ ଆପଣା କର୍ତ୍ତବ୍ୟ ଅବହେଳା କଲେ ସେ କି ଜୀବିତ ରହିପାରିବ ? ବନ୍ଦୀ ପଳାୟନ କଲେ ପ୍ରହରୀ ସୈନ୍ୟକୁ ତାହାର ବଦଳେ ଆପଣା ପ୍ରାଣ ଦେବା ରୋମୀୟ ନିୟମ ଏକ ସୁପରିଚିତ ନିୟମ ଯୀଶୁଖ୍ରୀଷ୍ଟଙ୍କ ପୁନଃଉଥାନର ସତ୍ୟତା ପ୍ରଧାନ ଯାଜକଙ୍କୁ ବ୍ୟତିବ୍ୟସ୍ତ କରିଥିଲା ଏବଂ ସେ ଓ ଅନ୍ୟ ଫାରୁଶୀମାନେ ପ୍ରହରୀ ଦଳକୁ ଲାଞ୍ଚ ଦେଇ ମିଥ୍ୟା ପ୍ରକଟ କଲେ ମଧ୍ୟ, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ମୃତ୍ୟୁ ଜୟ କରି ପୁନଃଜୀବିତ ହେଲେ ଏବଂ ନିଜେ ଜୀବିତ ଅଟନ୍ତି ।

ପ୍ରଭୁ ଯୀଶୁ ପୁନଃରୁତ୍ଥିତ ହେବା ପରେ ଚାଳିଶି ଦିନ ପର୍ଯ୍ୟନ୍ତ ପ୍ରେରିତମାନଙ୍କୁ ଓ ଅନ୍ୟ ଶିଷ୍ୟମାନଙ୍କୁ ଦର୍ଶନ ଦେଲେ । ତାହାଙ୍କ ପୁନଃରୁଥାନ ପରେ ସମାଧି ନିକଟକୁ ଆସି ସ୍ତ୍ରୀମାନଙ୍କୁ ଇମ୍ମାୟୁ ଗ୍ରାମକୁ ଯାତ୍ରୀ ଦୁଇ ପୁରୁଷମାନଙ୍କୁ ଓ ଅନ୍ର ଶିଷ୍ୟମାନଙ୍କୁ ସେ ଦର୍ଶନ ଦେଇଥିଲେ । ପାଉଲ କହନ୍ତି ସେ କେଫାଙ୍କୁ ଆଉ ତାହାପରେ ଦ୍ୱାଦଶଙ୍କୁ ଦର୍ଶନ ଦେଲେ । ଏ ଉତ୍ତାରେ ଏକାଥରେ ପାଞ୍ଚଶହ ଠାରୁ ଅଧିକ ଭାଇମାନଙ୍କୁ ଦର୍ଶନ ଦେଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଜି ପର୍ଯ୍ୟନ୍ତ ଜୀବିତ ଅଛନ୍ତି, କିନ୍ତୁ କେହି କେହି ମହାନିଦ୍ରା ପ୍ରାପ୍ତ ହୋଇଅଛନ୍ତି । ତତ୍ପରେ ସେ ଯାକୁବଙ୍କୁ ଆଉ ପରେ ସମସ୍ତ ପ୍ରେରିତଙ୍କୁ ଦର୍ଶନ କଲେ । ଅବଶେଷରେ ଅକାଳଜାତ ପରି ଜଣେ ଯେ ମୁଁ, ସେ ମୋତେ ମଧ୍ୟ ଦର୍ଶନ ଦେଲେ । (୧ମ କରନ୍ତୀ ୧୫:୫-୮)

ସ୍ୱର୍ଗାରୋହଣ ପୂର୍ବରୁ ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କୁ ଉର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତ ହେବା ପର୍ଯ୍ୟନ୍ତ ଯିରୁଶାଲମରେ ଅପେକ୍ଷା କରି ଶକ୍ତିପ୍ରାପ୍ତ ହେବା ପରେ ତାହାଙ୍କ ମୃତ୍ୟୁ ସମାଧି ଓ ପୁନଃରୁଥାନ ଯିହୁଦା, ଶମିରୋଣ ଓ ସର୍ବ ଜଗତରେ ପ୍ରଚାର କରିବା ନିମନ୍ତେ ଆଜ୍ଞା ଦେଲେ । (ଲୁକ ୨୪:୪୯, ପ୍ରେରିତ ୧:୮, ମାର୍କ ୧୬:୧୫,୧୬)

ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ହେବା ନିମନ୍ତେ ଅପେକ୍ଷାରେ ଥିବା ସମୟରେ ପ୍ରେରିତମାନେ ପ୍ରେରିତ ପଦଚ୍ୟୁତ ଯିହୁଦାଙ୍କ ସ୍ଥାନ ପୂରଣ କରିବା ନିମନ୍ତେ ବର୍ଣ୍ଣବବା.ମ ମଥିୟ ନାମରେ ଗୁଲିବାଣ୍ଟ କଲେ । ଏଠାରେ ପ୍ରେରିତମାନଙ୍କ ଯୋଗ୍ୟତା ବିଷୟରେ କୁହାଯାଇଅଛି । ଯୋହନଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟ ବାପ୍ତିଜିତ ହେବା ସମୟ ଠାରୁ ପିତାଙ୍କ ନିକଟକୁ ଉର୍ଦ୍ଧ୍ୱକୁ ଗୃହୀତ ହେବା ପର୍ଯ୍ୟନ୍ତ ଯେଉଁମାନେ ତାହାଙ୍କ ସହିତ ଗମନାଗମନ କରୁଥିଲେ ସେମାନେ ହିଁ ପ୍ରେରିତ ପଦର ଯୋଗ୍ୟ ବୋଲି ପ୍ରେରିତ ୧ଷ୨୧ ଓ ୨୨ ପଦରୁ ପଢ଼ିପାରୁ । ଗୁଲିବାଣ୍ଟ ଦ୍ୱାରା ମଥିୟ ଦ୍ୱାଦଶ ପ୍ରେରିତ ସହିତ ଗଣିତ ହେଲେ । ପେଣ୍ଟିକଷ୍ଟ ଦିନରେ ଦ୍ୱାଦଶ ପ୍ରେରିତ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ, ଈଶ୍ୱର ପ୍ରଭୁଯୀଶୁଙ୍କୁ ମୃତମାନଙ୍କ ଠାରୁ ଉଥିତ କରିଅଛନ୍ତି ବୋଲି ପ୍ରଚାର କରିବା ଆରମ୍ଭ କଲେ । ସେମାନଙ୍କ ପ୍ରଚାରିତ ସୁସମାଚାର ଫଳରେ ସେ ନିଜ ୩୦୦୦ ଲୋକ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂପୃକ୍ତ କରାଗଲେ । (ପ୍ରେରିତ ୨:୩୭-୪୭) ।

ସବୁଠାରୁ ବଳିଷ୍ଠ ସାକ୍ଷ୍ୟ ତାର୍ଷିନଗରସ୍ଥ ପାଉଲଙ୍କର । ପାଉଲ ଯେ କି ଶାଉଲ ରୂପେ ପରିଚିତ ଥିଲେ । ମଣ୍ଡଳୀ ଓ ଖ୍ରୀଷ୍ଟିୟାନମାନଙ୍କୁ ଅତିଶୟ ତାଡ଼ନା କରୁଥିଲେ । ଖ୍ରୀଷ୍ଟିୟାନମାନଙ୍କୁ ବାନ୍ଧି ଯିରୁଶାଲମକୁ ଆଣିବା ନିମନ୍ତେ ସମାଜ ଗୃହରୁ ଅଧିକାରପ୍ରାପ୍ତ ହୋଇ ସେ ଦମ୍ମେସ୍ତକକୁ ଯାଉଥିବା ସମୟରେ ପ୍ରଭୁଯୀଶୁ ତାହାଙ୍କୁ ଦର୍ଶନ ଦେଇ କହିଲେ "ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭଙ୍କୁ ତାଡ଼ନା କରୁଅଛ ? ସେ କହିଲେ, ହେ ପ୍ରଭୁ ଆପଣ କିଏ ? ଆଉ ସେ କହିଲେ, ଯାହାକୁ ତୁମ୍ଭେ ତାଡ଼ନା କରୁଅଛ ? ଆମ୍ଭେ ସେହି ଯୀଶୁ କିନ୍ତୁ ଉଠ, ନଗରରେ ପ୍ରବେଶ କର ଆଉ ତୁମ୍ଭକୁ କଅଣ କରିବାକୁ ହେବ କୁହାଯିବ । (ପ୍ରେରିତ ୯:୪-୬) ପରିବର୍ତ୍ତିତ ଶାଉଲ ଭୂମିରୁ ଉଠି ନଗରରେ ପ୍ରବେଶ କଲେ ଓ ତିନିଦିନ ପର୍ଯ୍ୟନ୍ତ ଦୃଷ୍ଟି ହୀନ ହୋଇ କିଛି ଖାଇଲେ ନାହିଁ ପିଇଲେ ନାହିଁ । ଯୀଶୁଖ୍ରୀଷ୍ଟଙ୍କ ନିର୍ଦ୍ଦେଶାନୁଯାୟୀ ହନନିୟ ତାହାଙ୍କ ନିକଟକୁ ଆସି କହିଲେ, ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ । (ପ୍ରେରିତ ୨୨:୧୬) ତାଡ଼ନାକାରୀ ଶାଉଲ, ଖ୍ରୀଷ୍ଟଙ୍କ ଅନୁଚର ପାଉଲ ରୂପେ ପରିବର୍ତ୍ତିତ ହୋଇ ଏକ ମହାନ୍ ସୁସମାଚାର ପ୍ରଚାରକର ଯେ ପରିଗଣିତ ହେଲେ ଏବଂ ତାହାଙ୍କ ନାମ ନିମନ୍ତେ ହିତ ସାକ୍ଷୀ ହୋଇଥିଲେ ।

ପାଉଲଙ୍କ ଜୀବନରେ ଏହି ପରିବର୍ତ୍ତନର କାରଣ କଅଣ ? ଯିହୁଦୀ ଧର୍ମର ସପକ୍ଷରେ ସେ ଅଜ୍ଞାନତାରେ ମଣ୍ଡଳୀକୁ ତାଡ଼ନା କରିଥିଲେ । କିନ୍ତୁ ପୁନଃରୁଥିତ ଯୀଶୁଖ୍ରୀଷ୍ଟ ଦର୍ଶନ ପରେ ସେ ପ୍ରଧାନ ଯାଜକମାନଙ୍କ କୁମନ୍ତ୍ରଣା ଜ୍ଞାତ ହୋଇ ପେରିତମାନଙ୍କ ପ୍ରଚାର

ସମୟରେ ମଧ୍ୟ ମଣ୍ଡଳୀର ସଭ୍ୟମାନେ ଉପାସନାରେ ଯୋଗ ଦେବାରେ ନିବୃତ୍ତ ହେଉନ୍ଥିଲେ । ଆଜି ମଧ୍ୟ ସେହିପରି ଭାବେ ଆମ୍ଭେମାନେ ନିୟମିତ ଭାବେ ଉପାସନାରେ ଯୋଗ ଦେବା ନିତାନ୍ତ ଆବଶ୍ୟକ ।

ମଣ୍ଡଳୀ ଉପାସନାରେ ଆମ୍ଭେମାନେ କାହିଁକି ଯୋଗଦେବା ଆବଶ୍ୟକ ଉପରୋକ୍ତ ବ୍ୟାଖ୍ୟାନ ସୁସ୍ପଷ୍ଟ କରେ । ଆମ୍ଭମାନଙ୍କ ଯୋଗଦାନ କେବଳ ମାସିକ, କିଅବା ସାପ୍ତାହିକ ନହୋଇ, ମଣ୍ଡଳୀ ଦ୍ୱାରା ନିୟୋଜିତ ପ୍ରତ୍ୟେକ ସଭାରେ ଯୋଗଦେବାରେ ଆମ୍ଭେମାନେ ସଦା ପ୍ରସ୍ତୁତ ଥିବା ଆବଶ୍ୟକ ।ମ ଣ୍ଡଳୀ ଉପାସନାରେ ଯୋଗ ଦେବାର ମୂଲ୍ୟ ଜାଣିବାରେ ପ୍ରଭୁ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ । ନିୟମିତ ଓ ବିଶ୍ୱସ୍ତ ଭାବେ ମଣ୍ଡଳୀ ଉପାସନାରେ ଯୋଗଦେବା ଦ୍ୱାରା ଆମ୍ଭେମାନେ ପ୍ରଭୁଙ୍କ ଦୃଷ୍ଟିରେ ବିଶ୍ୱସ୍ତ ଜୀବନଯାପନ କରିପାରିବା ।

**- J.C. Choate**

❋❋❋

# ଯୀଶୁ, ଆମ୍ଭମାନଙ୍କ ପ୍ରଭୁ
## (Jesus, Our Lord)

ଯୀଶୁ କହିଲେ, ସ୍ୱର୍ଗ ଓ ପୃଥିବୀର ସର୍ବାଧିକାର ତାହାଙ୍କୁ ଦତ୍ତ ହୋଇଛନ୍ତି । (ମାଥିଉ ୨୮:୧୮) । "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।" (ଯୋହନ ୧:୧) ଯୋହନ ଏହି ବାକ୍ୟ ଦ୍ୱାରା ସୁସମାଚାର ଲିଖନ ଆରମ୍ଭ କରନ୍ତି । ସେହି ବାକ୍ୟ ଶରୀରଧାରୀ ହୋଇ ୩୩ ବର୍ଷ ଏହି ଜଗତରେ ଜୀବନଯାପନ କରିଥିଲେ । "ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମ ଜାତ, କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାଗଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଛନ୍ତି ।

ଯୀଶୁ ଆମ୍ଭମାନଙ୍କ ପ୍ରଭୁ, ତାଙ୍କ ଶିକ୍ଷା ଅଧିକାରଯୁକ୍ତ ଅଟେ । "କାରଣ ସେ ସେମାନଙ୍କର ଶାସ୍ତ୍ରୀମାନଙ୍କ ପରି ଶିକ୍ଷା ନଦେଇ ଅଧିକାରପ୍ରାପ୍ତ ବ୍ୟକ୍ତିଙ୍କ ପରି ସେମାନଙ୍କୁ ଶିକ୍ଷା ଦେଉଥିଲେ ।" (ମାଥିଉ ୭:୨୯) ଥରେ ତାହାଙ୍କ ଶିଷ୍ୟମାନେ ଶସ୍ୟର ଶିଂଶା

# ମାଥିଉ ୧୧:୨୮-୩୦
## (Mathew 11:28-30)

ଯୀଶୁ କହିଲେ,"ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳୀ ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରେ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ ।" (ମାଥିଉ ୧୧:୨୮-୩୦) । ଜଗତର ପ୍ରତ୍ୟେକ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକଙ୍କୁ ଯୀଶୁ ମୁକ୍ତ କରିବା ନିମନ୍ତେ ଆପଣା ନିକଟକୁ ଆହ୍ୱାନ କରନ୍ତି । ସେ ଆମ୍ଭମାନଙ୍କ ପ୍ରତ୍ୟେକ ପାପ ଧୌତ କରନ୍ତି ଓ ପ୍ରତ୍ୟେକ ଭାର ବହନ କରନ୍ତି । (୧ମ ପିତର ୫:୭) । ମନୁଷ୍ୟର ସୃଷ୍ଟି ପୂର୍ବେ ସଦା ପ୍ରଭୁ ପରମେଶ୍ୱର ମନୁଷ୍ୟର ଆବଶ୍ୟକ ବିଷୟ ସବୁ ସୃଷ୍ଟି କରିଥିଲେ, ମନୁଷ୍ୟର ଉପଯୋଗୀ ପଶୁ ଜଗତ, ପକ୍ଷୀ, ମତ୍ସ୍ୟ ଓ ସବୁଜ ଶାଗ ମନୁଷ୍ୟର ସୃଷ୍ଟି ପୂର୍ବେ ସୃଷ୍ଟି ହୋଇଥିଲା । ମନୁଷ୍ୟ ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ ପାପ କରିବା ପର୍ଯ୍ୟନ୍ତ ସେମାନଙ୍କ ଜୀବନ ଅତ୍ୟନ୍ତ ସୁଖ, ଶାନ୍ତି ଓ ସନ୍ତୋଷଜନକ ଥିଲା । ଆଦମଙ୍କ ପାପ ଦ୍ୱାରା ମନୁଷ୍ୟର ପାପ ଭାର ବଢ଼ିଲା । ପ୍ରଭୁ ଯୀଶୁ ସେହି ପାପଭାରରୁ ମୁକ୍ତ କରିବା ନିମନ୍ତେ, ଆମ୍ଭମାନଙ୍କୁ ଆପଣା ନିକଟକୁ ଆହ୍ୱାନ କରନ୍ତି । ପାପଭାରୁ ମୁକ୍ତ କରିବା ନିମନ୍ତେ ଖ୍ରୀଷ୍ଟ ଏହି ପଦରେ ଦୁଇଟି ସର୍ତ୍ତ ରଖି ଅଛନ୍ତି (୧) ତାହାଙ୍କ ନିକଟବର୍ତ୍ତୀ ହେବା ନିମନ୍ତେ (୨) ତାହାଙ୍କ ନିକଟରେ ଶିଖିବା ନିମନ୍ତେ ।

ଯୀଶୁଖ୍ରୀଷ୍ଟ ଏହି ଜଗତରେ ପ୍ରଭୁଙ୍କ ସେବାକାର୍ଯ୍ୟ କରିବା ସମୟରେ । ଯେତେଲୋକ ତାହାଙ୍କ ନିକଟବର୍ତ୍ତୀ ହେଉଥିଲେ, ପ୍ରତ୍ୟେକ ଆଶୀଷ ପ୍ରାପ୍ତ ହେଉଥିଲେ, ରୋଗୀମାନେ ସୁସ୍ଥ ହେଲେ, ଅନ୍ଧ ଚକ୍ଷୁ ପାଇଲେ, ମନ୍ଦ ଆତ୍ମାରୁ ମୁକ୍ତ ହେଲେ । ଥରେ ପାଞ୍ଚରୋଟୀ ଓ ଦୁଇ ଭଜା ମାଛ ଦ୍ୱାରା ୫୦୦୦ ପୁରୁଷ ଓ ଅନେକ ସ୍ତ୍ରୀ ଏବଂ ବାଳକବାଳିକା ସମସ୍ତ ତୃପ୍ତ ଭାବେ ଭୋଜନ କରିଥିଲେ । ସମସ୍ତ ଆଶୀଷ ପ୍ରାପ୍ତ ହେବା ନିମନ୍ତେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିକଟବର୍ତ୍ତୀ ହେଉ ।

ଆମ୍ଭେମାନେ କିପରି ତାହାଙ୍କ ନିକଟବର୍ତ୍ତୀ ହୋଇପାରିବା ? ଯୀଶୁ କହିଲେ,"କାରଣ ଯେଉଁ ସ୍ଥାନରେ ଦୁଇ କି ତିନିଜଣ ମୋ ନାମରେ ଏକତ୍ର ହୁଅନ୍ତି,

ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି ।'' (ମାଥିଉ ୧୮:୨୦) ଯେଉଁଠାରେ ଖ୍ରୀଷ୍ଟ ନାମରେ ଦୁଇ କି ତିନିଜଣ ଉପସ୍ଥିତ ଥାଇ, ତାହାଙ୍କ ଉପାସନା କରନ୍ତି ସେଠାରେ ଉପସ୍ଥିତ ହୋଇ ତାହାଙ୍କ ନିକଟବର୍ତ୍ତୀ ହେଉ । ଆଖିବୁଜି ତାହାଙ୍କ ନିକଟରେ ପ୍ରାର୍ଥନା କରିବା ସମୟରେ, ଆମେ ତାହାଙ୍କ ନିକଟବର୍ତ୍ତୀ ହେଉ । ବାଇବଲ ଖୋଲି, ତାହାଙ୍କ ବାକ୍ୟ ଧ୍ୟାନ କରିବା ସମୟରେ ତାହାଙ୍କ ନିକଟବର୍ତ୍ତୀ ହେଉ । ''ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ ।'' (ଯାକୁବ ୪:୮)

ଦ୍ୱିତୀୟରେ ଯୀଶୁ ଆମ୍ଭମାନଙ୍କୁ ତାହାଙ୍କ ଠାରୁ ଶିଖିବା ନିମନ୍ତେ ଆଜ୍ଞା ଦିଅନ୍ତି । ଶ୍ରେଷ୍ଠତମ ଶିକ୍ଷକ ଏହି ଜଗତରେ ଜନସମାଜକୁ ଶିକ୍ଷା ଦେଉଥିଲେ । ନୀକଦିମ କହିଲେ,''........ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ....'' (ଯୋହନ ୩:୨) । ସେହି ଶ୍ରେଷ୍ଠତମ ଶିକ୍ଷକଙ୍କ ନିକଟରେ ଶିକ୍ଷା କଲେ, ଆମ୍ଭମାନଙ୍କ ଜୀବନର ଭାର, ସମସ୍ୟା ପ୍ରଭୃତି ଦୂର ହେବ । ତାହାଙ୍କ ପଦଚିହ୍ନ ଅନୁସରଣ କଲେ, ଆମ୍ଭମାନଙ୍କ ଜୀବନ ସୁଖମୟ, ଆଶୀଷମୟ ହେବ ।

ସେ ବାରବର୍ଷ ବୟସରେ, ମନ୍ଦିରରେ ପଣ୍ଡିତମାନଙ୍କ ମେଳରେ ବସି କଥା ଶୁଣୁଥିଲେ ଓ ସେମାନଙ୍କୁ ପ୍ରଶ୍ନ ପଚାରୁଥିଲେ । ସମସ୍ତେ ତାହାଙ୍କ ବୁଦ୍ଧି ଓ ଉତ୍ତରରେ ଆଚମ୍ବିତ ହେଉଥିଲେ । (ଲୁକ ୨:୪୨-୪୭) ବାରବର୍ଷର ବାଳକ ଧର୍ମଶାସ୍ତ୍ର ବାକ୍ୟରେ ପ୍ରବୀଣ ଥିଲେ । ଆମ୍ଭେମାନେ ମଧ୍ୟ ତାହାଙ୍କ ସଦୃଶ୍ୟ ଆପଣା ହୃଦୟରେ ଈଶ୍ୱରଙ୍କ ବାକ୍ୟ ସଞ୍ଚୟ କରି ରଖୁ । ''........ତୁମ୍ଭମାନଙ୍କ ଠାରେ ଥିବା ଭରସାର କାରଣ ସମ୍ବନ୍ଧରେ ଯେକେହି ପ୍ରଶ୍ନ କରେ, ତାହାକୁ ପ୍ରତ୍ୟୁତ୍ତର ଦେବାକୁ ପ୍ରସ୍ତୁତ ରୁହ .......'' । (୧ମ ପିତର ୨:୧୫) । ମନ୍ଦିରରେ ଯୀଶୁଙ୍କୁ ଦେଖା ପାଇ କହିଲେ,''......ପୁଅରେ, ଆମ୍ଭମାନଙ୍କ ପ୍ରତି କାହିଁକି ଏପରି ବ୍ୟବହାର କଲ ? ......ମୋହର ପିତାଙ୍କ ଗୃହରେ ରହିବା ଯେ ମୋହର କର୍ତ୍ତବ୍ୟ, ଏହା କଅଣ ଜାଣିନଥିଲ ?'' (ଲୁକ ୨:୪୨-୪୭) । ''.......ମୋହର ପ୍ରେରଣକର୍ତ୍ତା ଇଚ୍ଛାସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା, ଏହା ହିଁ ମୋହର ଖାଦ୍ୟ ।''(ଯୋହନ ୪:୩୪)

ମାଥିଉ ଚତୁର୍ଥ ଅଧ୍ୟାୟରେ ଯୀଶୁଖ୍ରୀଷ୍ଟ କିପରି ଶୟତାନର ପରୀକ୍ଷାରେ ବିଜୟୀ ହୋଇଥିଲେ ପଢ଼ିଥାଉଁ । ଶୟତାନ ତାଙ୍କୁ ତିନିପ୍ରକାର ଭାବେ ପରୀକ୍ଷିତ କରିଥିଲା, ଏବଂ ଖ୍ରୀଷ୍ଟ ଧର୍ମଶାସ୍ତ୍ରର ବାକ୍ୟ ଦ୍ୱାରା ବିଜୟୀ ହୋଇଥିଲେ । ଯାକୁବ କହନ୍ତି,''ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ

(ପ୍ରେରିତ ୧୦:୩୬) ପିତା ପରମେଶ୍ୱର, "ହେ ପ୍ରଭୁ, ତୁମ୍ଭେ ଆରମ୍ଭରେ ପୃଥିବୀର ଭିତ୍ତିମୂଳ ସ୍ଥାପନ କରିଅଛ, ପୁଣି ଆକାଶ ମଣ୍ଡଳ ତୁମ୍ଭ ହସ୍ତକୃତ କର୍ମ ।" କହିବାର ଆମ୍ଭେ ଏବ୍ରୀ ୧:୧୦ ପଦରେ ପଢ଼ିଥାଉ ।

ଯୀଶୁ, ଆମ୍ଭମାନଙ୍କ ପ୍ରଭୁ, ସେ ସମସ୍ତଙ୍କର ସର୍ବ ସୃଷ୍ଟିର ପ୍ରଭୁ ଅଟନ୍ତି, ଆପଣ କି ତାହାଙ୍କୁ ଆପଣଙ୍କ ଜୀବନର ପ୍ରଭୁ ରୂପେ ଗ୍ରହଣ କରିଅଛନ୍ତି ? ଆପଣ ଯଦି ତାହାଙ୍କୁ ଆପଣା ଜୀବନର ପ୍ରଭୁ ରୂପେ ଗ୍ରହଣ କରିନାହାନ୍ତି, ଆପଣ ଆପଣା ପାପରେ ମୃତ୍ୟୁ ଭୋଗିବେ । ତାହାଙ୍କୁ ପ୍ରଭୁ, ପ୍ରଭୁ ଡାକିବା ବ୍ୟକ୍ତି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବେ ନାହିଁ, କିନ୍ତୁ ଯେଉଁମାନେ ତାହାଙ୍କ ବାକ୍ୟ ପାଳନ କରିବେ, ସେମାନେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ।

ଯୀଶୁଖ୍ରୀଷ୍ଟ ଶେଷଥର ପାଇଁ ଯିରୁଶାଲମରେ ପ୍ରବେଶ ପୂର୍ବେ ଆପଣାର ଦୁଇ ଶିଷ୍ୟଙ୍କୁ ଗ୍ରାମକୁ ପଠାଇ ତାହାର ବନ୍ଧା ହୋଇଥିବା ଏକ ଗର୍ଦ୍ଦଭୀ ଓ ତାହାର ଶାବକକୁ ଫିଟାଇ ଆଣିବାକୁ କହିଲେ, "ଆଉ ଯେବେ କେହି ତୁମ୍ଭମାନଙ୍କୁ କିଛି କହେ, ତେବେ କହିବ, ଏମାନଙ୍କ ଠାରେ ପ୍ରଭୁଙ୍କର ପ୍ରୟୋଜନ ଅଛି ।" (ମାଥିଉ ୨୧:୩) ଯୀଶୁ ଆପଣା ଜୀବନରେ ଅନେକ ଥର ଯିରୁଶାଲମକୁ ଯାଇଥିଲେ, କିନ୍ତୁ ଯିରିମିୟ ଭାବବାଦୀଙ୍କ ବ୍ୟକ୍ତ ଭବିଷ୍ୟଦ୍‌ବାଣୀ ସଫଳ କରିବା ନିମନ୍ତେ ସେ ଗର୍ଦ୍ଦଭୀ ରୋହୀ ହୋଇ ଯିରୁଶାଲମରେ ପ୍ରବେଶ କରିଥିଲେ । ଗର୍ଦ୍ଦଭୀରୋହୀ ଯୀଶୁ, ପିତା ପରମେଶ୍ୱରଙ୍କ ଆଜ୍ଞାବହ ହୋଇ, ଯେଉଁମାନେ ତାହାଙ୍କ ଆଜ୍ଞାବହ ହୁଅନ୍ତି ସେମାନଙ୍କୁ ଅନନ୍ତଜୀବନ ପ୍ରଦାନ କରନ୍ତି । (ଏବ୍ରୀ ୫:୮) ।

ଯୀଶୁ, ଆମ୍ଭମାନଙ୍କ ପ୍ରଭୁ, ତାହାଙ୍କୁ ଯିରୁଶାଲମକୁ ଘେନିଯିବାକୁ ଏକ ନମ୍ର ବାହନ ଆବଶ୍ୟକ କରିଥିଲେ । ବର୍ତ୍ତମାନ, ତାହାଙ୍କ ପରିତ୍ରାଣର ବାର୍ତ୍ତା ଘେନି ଯିବାକୁ ନମ୍ର ବାହନ ଲୋଡ଼ନ୍ତି । ପ୍ରଭୁ ଆପଣଙ୍କୁ ପରିତ୍ରାଣ ଦେବା ନିମନ୍ତେ, ତାହାଙ୍କ ସହିତ ଚାଲିବା ନିମନ୍ତେ ଆହ୍ୱାନ କରନ୍ତି । ତାହାଙ୍କ ବାକ୍ୟ ସର୍ବସୃଷ୍ଟିରେ ବହନ କରିବା ନିମନ୍ତେ ସେ ଆପଣାକୁ ଆଜ୍ଞା ଦିଅନ୍ତି । "ଖ୍ରୀଷ୍ଟ, ଯୀଶୁଙ୍କୁ ପ୍ରଭୁ ବୋଲି ଯେପରି ଗ୍ରହଣ କରିଅଛ, ତଦନୁସାରେ ତାହାଙ୍କ ସହଭାଗିତାରେ ଆଚରଣ କର ।" (କଲସୀ ୨:୬)

**- Kabita Gootam**

❋❋❋

# ଜଗତର ସର୍ବୋତ୍କୃଷ୍ଟ ପ୍ରଶ୍ନ

## (The World's greatest Question)

## I. "ଭାଇମାନେ, ଆମ୍ଭେମାନେ କଅଣ କରିବା ?" (ପ୍ରେରିତ ୨:୩୭)

୧) ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଉପସ୍ଥିତ ଜନତା ପିତରଙ୍କ ଦ୍ୱାରା ପ୍ରଚାରିତ ବାକ୍ୟ ଶୁଣିଲେ । (ପ୍ରେରିତ ୨:୧୪-୩୬)

୨) ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା ଏବଂ ସେମାନେ ବିଶ୍ୱାସ କଲେ । (ପ୍ରେରିତ ୨:୩୭)

୩) ସେମାନଙ୍କ ସର୍ବୋତ୍କୃଷ୍ଟ ପ୍ରଶ୍ନକୁ ପିତର ଉତ୍ତର ଦେଇ କହିଲେ, "......ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮)

୪) ଆନନ୍ଦ ସହ ତାହାଙ୍କ ବାକ୍ୟ ଗ୍ରହଣକାରୀମାନେ ବାପ୍ତିଜିତ ହେଲେ, (ପ୍ରେରିତ ୨:୪୧)

୫) ସେହିଦିନ ସେମାନେ ମଣ୍ଡଳୀ ସହ ସଂଯୁକ୍ତ ହେଲେ । (ପ୍ରେରିତ ୨:୪୧)

୬) ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକେ ପ୍ରତିଦିନ ପ୍ରଭୁଙ୍କ ଦ୍ୱାରା ମଣ୍ଡଳୀରେ ସଂଯୁକ୍ତ ହେଲେ । (୨:୪୭)

## II. "...ମୋହର ବାପ୍ତିଜିତ ହେବାକୁ କଅଣ ବାଧା ଅଛି ?" (ପ୍ରେରିତ ୮:୩୫)

୧) ଫିଲିପ, ନପୁଂସକଙ୍କୁ ଯୀଶୁଖ୍ରୀଷ୍ଟ ବିଷୟରେ ପ୍ରଚାର କରିଥିଲେ । (ପ୍ରେରିତ ୮:୩୫)

୨) ସେ କହିଲେ, "......ଏଠାରେ ତ ଜଳ ଅଛି, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି ?" (ପ୍ରେରିତ ୮:୩୬)

୩) ଏହି ପ୍ରଶ୍ନର ଉତ୍ତରରେ ଫିଲିପ କହିଲେ, "ଆପଣ ସମସ୍ତ ଅନ୍ତଃକରଣ ସହିତ ଯଦି ବିଶ୍ୱାସ କରନ୍ତି, ତାହାହେଲେ ହୋଇପାରେ ।" (୮:୩୭)

ହୋଇ ପ୍ରତ୍ୟେକ ଜଣ ଆପଣା ଆପଣା ଭାଷାରେ ସେମାନେ କଥା ହେଉଥିବା ଶୁଣି ହତବୁଦ୍ଧି ହେଲେ । ସେଦିନ ପ୍ରାୟ ପନ୍ଦର ଭାଷାବାଦୀ ଯିହୁଦୀ ଯିରୁଶାଲମରେ ଉପସ୍ଥିତ ଥିଲେ ୭-୧୨ ପଦଗୁଡ଼ିକରୁ ପଢ଼ିପାରୁ ।

ପରଭାଷା (ଅର୍ଥାତ୍ ଅଜଣା ଭାଷା) ପବିତ୍ର ଆତ୍ମାଙ୍କ ଦ୍ୱାରା ଦୁଇଟି ଭାଗରେ ଦତ୍ତ ହୋଇଥିଲା । ପ୍ରଥମରେ, ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବେ ବୋଲି ଯୀଶୁଖ୍ରୀଷ୍ଟଙ୍କ ପ୍ରତିଶ୍ରୁତିନୁଯାୟୀ ପେଣ୍ଟିକଷ୍ଟ ଦିନରେ ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ପରଭାଷାରେ କଥା କହିବାକୁ ସକ୍ଷମ ହୋଇଥିଲେ । (ମାଥିଉ ୩:୧୧, ପ୍ରେରିତ ୧,୪୫-୮, ୨:୧-୪) । ବିଜାତୀୟମାନେ ମଧ୍ୟ ପ୍ରଭୁଙ୍କ ଦୃଷ୍ଟିରେ ଅମୂଲ୍ୟ ଅଟନ୍ତି ଏହା ପ୍ରକାଶ କରିବା ନିମନ୍ତେ କର୍ଣ୍ଣଲିତା ଓ ତାହାଙ୍କ ପରିବାର ପବିତ୍ର ଆତ୍ମାଙ୍କ ବରଦାନ ପ୍ରାପ୍ତ ହୋଇ ପରଭାଷାରେ କହିବାକୁ ସକ୍ଷମ ହୋଇଥିଲେ । (ପ୍ରେରିତ ୧୦:୪୪-୪୬,୧୧:୧୭-୧୮)

ଦ୍ୱିତୀୟରେ, ହସ୍ତାର୍ପଣ ଦ୍ୱାରା ପବିତ୍ର ଆତ୍ମାଙ୍କ ବରଦାନ ଦତ୍ତ ହୋଇଥିଲା । ବାକ୍ୟ କହେ, ଆଉ ପାଉଲ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ, ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କଲେ, ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଓ ଭାବବାଣୀ ମଧ୍ୟ କହିବାକୁ ଲାଗିଲେ । (ପ୍ରେରିତ ୧୯:୬) ଅନ୍ୟାନ୍ୟ ପବିତ୍ର ଆତ୍ମାଙ୍କ ବରଦାନ ସଦୃଶ୍ୟ, ପରଭାଷା ମଧ୍ୟ ପ୍ରଭୁଙ୍କ ଶକ୍ତି ଓ ବାକ୍ୟ ପ୍ରକାଶ କରେ ।

ପବିତ୍ର ଆତ୍ମାଙ୍କ ପରିଚାଳନାରେ ଧାର୍ମିକ ବ୍ୟକ୍ତିମାନଙ୍କ ଦ୍ୱାରା ପବିତ୍ର ଶାସ୍ତ୍ରଲେଖା ଯାଇଥିଲା । (୧ମ ଥେସଲନୀକୀ ୨:୧୩) ଆଉ ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତି ହେବ, ସେମାନେ ମୋ ନାମରେ ଭୂତ ଛଡ଼ାଇବେ । ନୂତନ ନୂତନ ଭାଷାରେ କଥା କହିବେ । ହସ୍ତରେ ସର୍ପ ଧରିବେ । ପୁଣି ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ ସେମାନଙ୍କର କ୍ଷତି ହେବ ନାହିଁ । ସେମାନେ ପୀଡ଼ିତମାନଙ୍କ ଉପରେ ହସ୍ତ ଥୋଇଲେ ସେମାନେ ସୁସ୍ଥ ହେବେ । ଏହି ରୂପେ ପ୍ରଭୁ ଯୀଶୁ ସେମାନଙ୍କୁ କଥା କହିବା ପରେ ସ୍ୱର୍ଗରେ ଗୃହୀତ ହୋଇ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବସିଲେ । କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ପ୍ରଚାର କଲେ, ଆଉ ପ୍ରଭୁ ସେମାନଙ୍କର ସହକର୍ମୀ ହୋଇ ଅନୁବର୍ତ୍ତୀ ଚିହ୍ନ ଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣ ସିଦ୍ଧ କଲେ । (ମାର୍କ ୧୬:୧୭-୨୦)

ପରଭାଷା ଓ ଅନ୍ୟ ଆତ୍ମିକ ଦାନଗୁଡ଼ିକ କେତେ ସମୟ ପର୍ଯ୍ୟନ୍ତ ଅମଳରେ ଥିଲା ? ୧ମ କରିନ୍ଥୀ ୧୨ ରୁ ୧:୪ ଅଧ୍ୟାୟଗୁଡ଼ିକରେ ପ୍ରେରିତ ପାଉଲ ଆତ୍ମିକ ଦାନ

ବିଷୟରେ ବିପୁଳ ଭାବେ ବର୍ଣ୍ଣନା କରିଅଛନ୍ତି । ଏହି ଆତ୍ମିକ ଦାନଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ପ୍ରମାଣସିଦ୍ଧ କରିବା ନିମନ୍ତେ ଦତ୍ତ ହୋଇଥିଲା ବୋଲି ସର୍ବଦା ଆମ୍ଭମାନଙ୍କୁ ମନେ ରଖିବା ଆବଶ୍ୟକ । ୧ମ କରିନ୍ଥୀ ୧୩ଶ ଅଧ୍ୟାୟରେ ପ୍ରେରିତ ପାଉଲ ପ୍ରେମ, ସମସ୍ତ ଆତ୍ମିକ ଦାନ ଠାରୁ ଉତ୍କୃଷ୍ଟତର ପଥ ବୋଲି ଦେଖାଇଅଛନ୍ତି । "ପ୍ରେମ କଦାପି ଶେଷ ହୁଏନାହିଁ । କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ । ଯଦି ପରଭାଷା ସେହିସବୁ ନିବୃତ୍ତ ହେବ, ଯଦି ଜ୍ଞାନ ଥାଏ, ତାହା ଲୋପ ହେବ । କାରଣ ଆମ୍ଭେମାନେ ଆଂଶିକ ଭାବରେ ଜାଣୁ ଓ ଆଂଶିକ ଭାବେ ଭାବବାଣୀ କହୁ । କିନ୍ତୁ ସିଦ୍ଧ ବିଷୟ ଉପସ୍ଥିତ ହେଲେ ଆଂଶିକ ବିଷୟର ଲୋପ ହେବ । (୧ମ କରିନ୍ଥୀ ୧-୩:୮-୧୦)

ଏହି ସିଦ୍ଧ ବିଷୟ କ'ଣ ? ଏହାର ଉତ୍ତର ଆମ୍ଭେମାନେ ଯାକୁବ ୧ : ୨୫ ପଦରେ ପାଇପାରୁ ଯାହା କହେ, "କିନ୍ତୁ ଯେ ସିଦ୍ଧ ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତାମାତ୍ର ନ ହୋଇ ବରଂ କାର୍ଯ୍ୟକାରୀ ହୁଏ । ସେ ଆପଣା କାର୍ଯ୍ୟରେ ଧନ୍ୟ ।" ନୂତନ ନିୟମରେ ଲିଖିତ ସତ୍ୟବାକ୍ୟ ହିଁ ସିଦ୍ଧ ଓ ସ୍ୱାଧୀନତାର ବ୍ୟବସ୍ଥା ଅଟେ । ନୂତନ ନିୟମର ଲେଖନ ସଂପୂର୍ଣ୍ଣ ହୋଇ ସପ୍ରମାଣିତ ହେବା ପରେ, ଆତ୍ମିକ ଆଶ୍ଚର୍ଯ୍ୟ ଦାନଗୁଡ଼ିକର ଉଦ୍ଦେଶ୍ୟ ସଫଳ ହୋଇଥିବାରୁ ସେଗୁଡ଼ିକ ଲୁପ୍ତ ହୋଇଅଛି ।

ଆଜି ମନୁଷ୍ୟ ଅଜଣା ଭାଷା ପବିତ୍ର ଆତ୍ମାଙ୍କ ଦ୍ୱାରା କି କହିପାରେ ? ପ୍ରଥମ ଶତାବ୍ଦୀରେ ତାହା ସାଧ୍ୟ ଥିଲା । କିନ୍ତୁ ସ୍ୱାଧୀନତାର ବ୍ୟବସ୍ଥାର ଲେଖକ ସଂପୂର୍ଣ୍ଣ ହେବା ପରେ କେବଳ ଏହା ଆମ୍ଭମାନଙ୍କୁ ପଥ ଦର୍ଶକ ଅଟେ ଏବଂ ଆତ୍ମିକ ଦାନ ଲୁପ୍ତ କରାଯାଇଅଛି ।

ଅନେକ ଉତ୍ତମ, ଧାର୍ମିକ ବିଶ୍ୱାସୀମାନେ ଆଜି ପରଭାଷାରେ କଥା କହିପାରନ୍ତି ବୋଲି ବିଶ୍ୱାସ କରନ୍ତି । ଏହା ପବିତ୍ର ଆତ୍ମାଙ୍କ ଦାନ ବୋଲି ସେମାନେ ସ୍ୱୀକାର କରନ୍ତି । କିନ୍ତୁ ସତ୍ୟବାକ୍ୟ ବିଶ୍ଳେଷଣ କଲେ, ସେମାନେ ପଥଭ୍ରଷ୍ଟ ଓ ଭାବନା, ଉତ୍ତେଜନାର ବଶୀଭୂତ ବୋଲି-ଜାଣିପାରୁ ।

ଆସ ଆମ୍ଭେମାନେ ଆପଣା ଆପଣା ଭାବନା ଓ ଉତ୍ତେଜନା ଦ୍ୱାରା ପ୍ରବଞ୍ଚିତ ନହୋଇ ପ୍ରଭୁଙ୍କ ବାକ୍ୟର ବିପରୀତ ଭାବ ପ୍ରଚାର କରୁଥିବା ଅସତ୍ୟ ଶିକ୍ଷକମାନଙ୍କ ଠାରୁ ଆପଣା ଆପଣାକୁ ପୃଥକ ରଖୁ । ଆଧୁନିକ ମନୁଷ୍ୟର ଆତ୍ମିକ ଆଶ୍ଚର୍ଯ୍ୟ ଦାନଗୁଡ଼ିକର ପ୍ରୟୋଜନ ନାହିଁ । କାରଣ ସତ୍ୟ, ସିଦ୍ଧ, ସଂପୂର୍ଣ୍ଣ ସ୍ୱାଧୀନତାର ବ୍ୟବସ୍ଥା

(୧୬:୩୦) ସେତେବେଳ ପର୍ଯ୍ୟନ୍ତ, ସୁସମାଚାର ତାହାଙ୍କ ନିକଟରେ ପ୍ରଚାରିତ ହୋଇନଥିଲା ।

୭) "ସେମାନେ କହିଲେ, ପ୍ରଭୁ ଯୀଶୁଙ୍କ ଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେ ସପରିବାରେ ପରିତ୍ରାଣ ପାଇବ ।" (୧୬:୩୧)
   କ) ଜଣେ ବିନା ବିଶ୍ୱାସରେ କୌଣସି କାର୍ଯ୍ୟ କରିପାରେ ନାହିଁ ।
   ଖ) ବିଶ୍ୱାସ ଶ୍ରବଣରୁ ଜାତ ହୁଏ । (ରୋମୀୟ ୧୦:୧୭)

୮) "ପରେ ସେ ତାଙ୍କୁ ଓ ତାଙ୍କ ଗୃହରେ ଥିବା ସମସ୍ତଙ୍କୁ ଈଶ୍ୱରଙ୍କ ବାକ୍ୟ କହିଲେ ।" (୧୬:୩୨) ସେମାନଙ୍କ ହୃଦୟରେ ବିଶ୍ୱାସ ଦୃଢ଼ୀଭୁତ ହେବା ନିମନ୍ତେ, ଏହା ଆବଶ୍ୟକ ଥିଲା । (୧୬:୩୩)

୯) କାରାରକ୍ଷକ ସୁସମାଚାର ଶ୍ରବଣ କଲେ, ଆଜ୍ଞାସକଳ ବିଶ୍ୱାସ କଲେ, ପାପରୁ ମନ ପରିବର୍ତ୍ତନ କଲେ ଓ ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇଥିଲେ ।

## V. କାରାରକ୍ଷକ ସଦୃଶ୍ୟ ଆପଣ କି କରିଅଛନ୍ତି ?
## ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଉତ୍ତର ଦିଅନ୍ତି :-

୧) ମାଥିଉ ୨୮:୧୯,"ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ....."

୨) ମାର୍କ ୧୬:୧୬,"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ 'ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।"

୩) "ଆଉ, ସେ ସେମାନଙ୍କୁ କହିଲେ, ଏହି ପ୍ରକାରେ ଲେଖାଅଛି, ଖ୍ରୀଷ୍ଟ ଦୁଃଖଭୋଗ କରିବେ ଓ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନରୁଥାନ କରିବେ । ପୁଣି ଯିରୁଶାଲମରୁ ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ ।" (ଲୁକ ୨୪:୪୬,୪୭)

**- W.A. Bradfield**

❋❋❋

ତୃତୀୟ, ଆମେ କିପରି ଆଜ୍ଞା ଲଙ୍ଘନ କରୁ ତାହା ଜାଣିବା ଆବଶ୍ୟକ । ଅନ୍ତତଃ ଚାରିଟି ଭାବରେ ଆମ୍ଭେମାନେ ଆଜ୍ଞାଲଙ୍ଘନ କରି ଲକ୍ଷ୍ୟଚ୍ୟୁତ ହୋଇଥାଉ ।

(୧) ଆମ୍ଭମାନଙ୍କର ଅନ୍ତରର ମନୋଭାବନାରେ ଆମ୍ଭେମାନେ ପାପ କରୁ । ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ମାଥିଉ ୫:୨୮ ପଦରେ ଏହିଭାବ ସୁସ୍ପଷ୍ଟ କରନ୍ତି ।"....ଯେ କେହି କୌଣସି ସ୍ତ୍ରୀ ପ୍ରତି କାମଭାବରେ ଦୃଷ୍ଟିପାତ କରେ, ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି ।" ଆଦି ୬:୫ ପଦଗୁଡ଼ିକରେ ପରମେଶ୍ବର କହନ୍ତି ".....ପୃଥିବୀରେ ମନୁଷ୍ୟର ଦୁଷ୍ଟତା ଅତି ବଡ଼, ଆଉ ତାହାର ଅନ୍ତଃକାରଣର ଭାବନାର ପ୍ରତ୍ୟେକ କଳ୍ପନା ଅବିରତ ମନ୍ଦମାତ୍ର ।" ମାଥିଉ ୧୫:୧୮-୧୯ରେ ପ୍ରଭୁ କହନ୍ତି "କିନ୍ତୁ ମୁଖରୁ ଯାହାସବୁ ନିର୍ଗତ ହୁଏ, ତାହା ହୃଦୟରୁ କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ବେଶ୍ୟାଗମନ, ଚୈର୍ଯ୍ୟ, ମିଥ୍ୟାସାକ୍ଷ୍ୟ ଓ ନିନ୍ଦା ବାହାରେ ।"

(୨) ଆମ୍ଭମାନଙ୍କ ମୁଖରୁ ନିର୍ଗତ ବାକ୍ୟ ଦ୍ବାରା ଆମ୍ଭେମାନେ ପାପ କରୁ । ଏହି ବିଷୟରେ ଯାକୁବଙ୍କ ପତ୍ର ତୃତୀୟ ଅଧ୍ୟାୟ ପ୍ରଥମ ବାର ପଦଗୁଡ଼ିକରେ ପଢ଼ିପାରୁ "ହେ ମୋହର ଭାଇମାନେ, ତୁମ୍ଭେମାନେ ଅନେକେ ଶିକ୍ଷକ ହୁଅନାହିଁ, ଶିକ୍ଷକ ଯେ ଆମ୍ଭେମାନେ, ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡୁ । ଯଦି କେହି ବାକ୍ୟରେ ଝୁଣ୍ଟି ନପଡ଼େ, ତେବେ ସେ ସିଦ୍ଧ ପୁରୁଷ ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ । ଆମ୍ଭେମାନେ ଘୋଡ଼ାମାନଙ୍କୁ ବଶୀଭୂତ କରିବା ନିମନ୍ତେ ସେମାନଙ୍କ ମୁଖରେ ଲଗାମ ଦେଲେ ତଦ୍ବାରା ସେମାନଙ୍କ ସମସ୍ତ ଶରୀର ମଧ୍ୟ ବୁଲାଉଥାଉ । ଦେଖ, ଜାହାଜ ମଧ୍ୟ ଏତେବଡ଼ ହୋଇ ପ୍ରଚଣ୍ଡ ପବନରେ ଚାଳିତ ହେଲେ ଗୋଟିଏ ଅତି କ୍ଷୁଦ୍ର ମଙ୍ଗ ଧରାର ଇଚ୍ଛାନୁସାରେ ବୁଲାଇ ଦିଆଯାଏ । ସେହି ପରି ଜିହ୍ବା ମଧ୍ୟ ଗୋଟିଏ କ୍ଷୁଦ୍ର ଅଙ୍ଗ, କିନ୍ତୁ ମହାଗର୍ବର କଥା କହେ । ଦେଖ, କେଡ଼େ କ୍ଷୁଦ୍ର ଅଗ୍ନି କଣିକା ଦ୍ବାରା କେତେବଡ଼ ଅରଣ୍ୟରେ ନିଆଁ ଲାଗିଯାଏ । ଜିହ୍ବା ମଧ୍ୟ ଅଗ୍ନିସ୍ବରୂପ, ତାହା ଆମ୍ଭମାନଙ୍କ ଅଙ୍ଗ ସମୁହ ମଧ୍ୟରେ ସମସ୍ତ ଅଧର୍ମର ମୂଳାଧାର ସ୍ବରୂପ ଅବସ୍ଥିତ, ତାହା ସମସ୍ତ ଶରୀରକୁ ଅଶୁଚି କରେ ଓ ନିଜେ ନରକାନଳରେ ପ୍ରଜ୍ବଳିତ ହୋଇ ପ୍ରକୃତିର ଚକ୍ରକୁ ଜଳାଏ । କାରଣ ସମସ୍ତ ପଶୁ ଓ ପକ୍ଷୀ ସରୀସୃପ ଓ ଜଳଚର ପ୍ରାଣୀମାନଙ୍କୁ ମାନବ ଦ୍ବାରା ବଶରେ ରଖାଯାଇପାରେ, ପୁଣି ବଶରେ ରଖାଯାଇଅଛି, କିନ୍ତୁ ଜିହ୍ବାକୁ କେହି ବଶରେ ରଖିପାରେ ନାହିଁ, ଅନିଷ୍ଟ ସାଧନାରେ ତାହାର ବିରାମ ନାହିଁ, ମାରାତ୍ମକ ଗରଳରେ ତାହା ପରିପୂର୍ଣ୍ଣ ତଦ୍ବାରା ଆମ୍ଭେମାନେ ପ୍ରଭୁ ଓ ପିତାଙ୍କର ଧନ୍ୟବାଦ କରିଥାଉ ପୁଣି ତଦ୍ବାରା ଈଶ୍ବରଙ୍କ

ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟକୁ ଅଭିଶାପ ଦେଇଥାଉ । ଏକ ମୁଖରୁ ଧନ୍ୟବାଦ ଓ ଅଭିଶାପ ନିର୍ଗତ ହୁଏ । ମୋହର ଭାଇମାନେ, ଏପରି ହେବା ଉଚିତ ନୁହେଁ । ନିର୍ଝର କଅଣ ଏକ ବାଟଦେଇ ମିଠା ଓ ପିତା ଦୁଇ ପ୍ରକାର ଜଳ ବାହାର କରେ ? ହେ ମୋର ଭାଇମାନେ, ଡିମ୍ବିରି ବୃକ୍ଷ କଅଣ ଜୀତଫଳ, ଅବା ଦ୍ରାକ୍ଷାଲତା କଅଣ ଡିମ୍ବିରିଢ଼ଳ ଫଳିପାରେ ? ଲବଣାକ୍ତ ନିର୍ଝର ମଧ୍ୟ ମିଷ୍ଟ ଜଳଦେଇ ପାରେ ନାହିଁ ।

(୩) ଆମ୍ଭମାନଙ୍କ ଦୁଷ୍କର୍ମ ଦ୍ୱାରା ପାପ କରିଥାଉ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି । "ବ୍ୟଭିଚାର ଠାରୁ ପଳାୟନ କର । ମନୁଷ୍ୟ ଯେକୌଣସି କାମ କରେ, ତାହା ଶରୀରର ବର୍ହିଭୂତ କିନ୍ତୁ ଯେ ବ୍ୟଭିଚାର କରେ ସେ ଆପଣା ନିଜ ଶରୀର ବିରୁଦ୍ଧରେ ପାପ କରେ ।" (୧ମ କରିନ୍ଥୀ ୬:୧୮) । ପରନିନ୍ଦା, ମୂର୍ତ୍ତିପୂଜା, ଜଳଭେଦ, କ୍ରୋଧ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ । ପରମେଶ୍ୱରଙ୍କ ଆଜ୍ଞାରେ ଆପଣା ସୁନୀତି ଯୋଗ/ବିଯୋଗ କରି ଉପାସନା କରି ତାହାଙ୍କ ବିରୁଦ୍ଧରେ ପାପ କରିଥାଉଁ । ଆଦି ପିତାମାତା ପ୍ରଥମ ପୁତ୍ର କୟନ, ନାଦବ ଓ ଅବୀହୂ ନାମକ ଯାଜକଗଣ ଏବଂ ହନନୀୟ ଓ ସଫିରା ଆପଣା ସ୍ୱଇଚ୍ଛାନୁଯାୟୀ ଉପାସନା କରି ଅଭିଶପ୍ତ ହୋଇଥିଲେ ।

(୪) ଆମ୍ଭମାନଙ୍କ କର୍ତ୍ତବ୍ୟରେ ଅବହେଳା କରି ଆମ୍ଭେମାନେ ପାପ କରିଥାଉ । ଯାକୁବ କହନ୍ତି, "ଯେ ସତ୍କର୍ମ କରିବାକୁ ଜାଣି ତାହା କରେ ନାହିଁ, ତାହାର ପାପ ହୁଏ ।" (୪:୧୭) । ପାପ ରହିତ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ଧର୍ମକର୍ମ ସାଧନ କରିବା ନିମନ୍ତେ ବାପ୍ତିଜିତ ହୋଇଥିଲେ । ପରମେଶ୍ୱରଙ୍କ ଆଜ୍ଞାପାଳନ ନକେଲ ତାହା ତାହାଙ୍କ ନିମନ୍ତେ ପାପରୂପେ ପରିଗଣିତ ହୋଇଥାଆନ୍ତା ।

ପାପ କେତେ ଭୟଙ୍କର ବିଷୟ । କିନ୍ତୁ ମନୁଷ୍ୟ ତାହାର ଭୟଙ୍କରତା ବିଷୟରେ ଅଜ୍ଞ ଥିବାରୁ ପାପ କରି ଚାଲିଥାଏ । ବାପ୍ତିଜିତ ପ୍ରତ୍ୟେକ ଖ୍ରୀଷ୍ଟୀୟାନ ଅନ୍ୟମାନଙ୍କ ନିକଟରେ ପାପର ଭୟଙ୍କରତା ବୁଝାଇ ସେମାନଙ୍କୁ ଅନନ୍ତ ମୃତ୍ୟୁର କବଳରୁ ରକ୍ଷା କରୁ ।

**- Walter Swain**

❋❋❋

# ଆତ୍ମାଙ୍କ ଚାଳନା

ଆମ୍ଭେମାନେ କିପରି ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇପାରିବା ? ଆତ୍ମାଙ୍କ ଚାଳନାରେ ପରିଚାଳିତ ଖ୍ରୀଷ୍ଟିୟାନମାନେ ଶରୀରର ଅଭିଳାଷରୁ ଦୂରରେ ରହନ୍ତି ବୋଲି ପାଉଲ ଗାଲାତୀ ୫:୧୬ ପଦରେ ଲେଖନ୍ତି । ମନୁଷ୍ୟ ମଧ୍ୟରେ ମୁଖାପେକ୍ଷା ନକରିବା ପରମେଶ୍ୱର କେତେକ ମନୁଷ୍ୟମାନଙ୍କୁ ଆବୃତ ଓ ପ୍ରତ୍ୟକ୍ଷଭାବେ ପବିତ୍ର ଆତ୍ମାଙ୍କ ଚାଳନ କରନ୍ତି ନାହିଁ । ପରମେଶ୍ୱର ଜଗତର ପ୍ରତ୍ୟେକ ଆତ୍ମାଙ୍କୁ ପ୍ରେମ କରନ୍ତି, ସେ ପ୍ରତ୍ୟେକ ଆତ୍ମା ପାପରୁ ମୁକ୍ତ ହୋଇ ପରିତ୍ରାଣ ପ୍ରାପ୍ତ ହେବା ଇଚ୍ଛା କରନ୍ତି । ପବିତ୍ର ଆତ୍ମାଙ୍କ ଚାଳନାରେ ଚାଳିତ ହେବା ନିମନ୍ତେ ପ୍ରତ୍ୟେକ ମନୁଷ୍ୟକୁ ସୁଯୋଗ ଦେଇଅଛନ୍ତି ।

ସର୍ବଜଗତରେ ବ୍ୟାପ୍ତ ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ସଦାପ୍ରଭୁ ମନୁଷ୍ୟମାନଙ୍କ ସହିତ କଥା କହନ୍ତି "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ୟ ତୀମଥି ୩:୧୬,୧୭) । ଅତଏବ, ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ପଢୁ, ଶୁଣୁ ଓ ଧ୍ୟାନ କରୁ କାରଣ ଏଥିରେ ଲିଖିତ ବାକ୍ୟ ଆମ୍ଭମାନଙ୍କୁ ଶରୀରର ଅଭିଳାଷରୁ ଦୂରରେ ରହିବା ପାଇଁ ସାହାଯ୍ୟ କରେ ।

ମନୁଷ୍ୟର ପରିତ୍ରାଣର ନିମନ୍ତେ ମୃତ୍ୟୁଭୋଗୀ, ସମାଧିପ୍ରାପ୍ତ ହୋଇ, ପୁନଃରୁଥିତ ହେବା ପୂର୍ବେ, ପ୍ରଭୁ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଥିଲେ, "ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଥାଉ ଥାଉ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଲି । କିନ୍ତୁ ସେହି ସାହାଯ୍ୟକାରୀ, ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି ସେହିସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।" (ଯୋହନ ୧୪:୨୫-୨୬) ".......ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ, ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣା ଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ ।" (ଯୋହନ

୧୬:୧୩) । ପ୍ରତିଜ୍ଞାତ ପଥପ୍ରଦର୍ଶକ ଓ ସାହାଯ୍ୟକାରୀଙ୍କୁ ସେମାନେ ପ୍ରାପ୍ତ ହୋଇ (ପ୍ରେରିତ ୨:୧-୪), ତାହାଙ୍କ ଚାଳନାରେ ଖ୍ରୀଷ୍ଟଙ୍କ ପ୍ରେରିତମାନେ ନୂତନ ନିୟମ ହୋଇଥିଲେ, ଯାହାକି ଆମ୍ଭମାନଙ୍କ ନିମନ୍ତେ ପଥ ପ୍ରଦର୍ଶକ ଅଟେ ।

ପବିତ୍ର ଆତ୍ମାଙ୍କ ଅବତରଣ ପରେ, ବିଶ୍ବାସ କରି, ମନ ପରିବର୍ତ୍ତନ କରି, ବାପ୍ତିଜିତ ହେବା ପ୍ରତ୍ୟେକ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହୁଅନ୍ତି । (ପ୍ରେରିତ ୨:୩୮) । ଏହି ସମୟ ଠାରୁ ଖ୍ରୀଷ୍ଟିୟାନମାନେ ଆତ୍ମାଙ୍କ ଦ୍ଵାରା ଚାଳିତ ହୁଅନ୍ତି । ପୁରାକାଳରେ ପବିତ୍ର ଆତ୍ମା ପ୍ରେରିତମାନଙ୍କ ଦ୍ଵାରା କଥା କହିବା ସଦୃଶ୍ୟ, ବାକ୍ୟ ଦ୍ଵାରା ପବିତ୍ର ଆତ୍ମା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି, "........ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନପ୍ରାପ୍ତ ହେବେ "ଏହି ଯେଉଁ ପ୍ରତିଜ୍ଞା ସେ ସମୟର ଲୋକମାନଙ୍କ ସଦୃଶ୍ୟ ଆମ୍ଭମାନଙ୍କୁ ସୁଧା ବର୍ତ୍ତାଏ । ଅତଏବ ମନପରିବର୍ତ୍ତନ କରି, ବାପ୍ତିଜିତ ହେବା ଲୋକେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହୁଅନ୍ତି ଓ ବାଇବଲର ବାକ୍ୟ ପାଳନ ଦ୍ଵାରା, ଆତ୍ମାଙ୍କ ଦ୍ଵାରା ଚାଳିତ ହୁଅନ୍ତି । ଯେଉଁମାନେ ଏହିପରି ଭାବେ ଆତ୍ମାଙ୍କ ଦ୍ଵାରା ଚାଳିତ ହୁଅନ୍ତି, ସେମାନେ ଶରୀରର ଅଭିଳାଷରୁ ଆପଣାକୁ ଦୂରରେ ରଖିପାରନ୍ତି । ପ୍ରେରିତ ପାଉଲ ଶରୀର କାର୍ଯ୍ୟଗୁଡ଼ିକ ବିଷୟରେ କହନ୍ତି, "........କାମୁକତ, ପ୍ରତିମା ପୂଜା, କୁହୁକ ଶତ୍ରୁତା, ବିବାଦ, ଦ୍ଵେଷ, କ୍ରୋଧ, ସ୍ଵାର୍ଥପରତା, ଦଳଭେଦ, ମତଭେଦ, ଇର୍ଷା, ମତ୍ତତା, ରଙ୍ଗରସ ଇତ୍ୟାଦି ପ୍ରକାର କର୍ମଗୁଡ଼ାକ, ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ, ଯେଉଁମାନେ ଏହି ସବୁ ପ୍ରକାର କର୍ମ କରନ୍ତି, ସେମାନେ ଈଶ୍ଵରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।" (ଗାଲାତୀ ୫:୧୯-୨୧)

**- Sunny David**

❋❋❋

**Edited & Published by : Kabita & Joshua Gootam**

# WHAT MUST A SINNER DO TO BE SAVED?

Acts 2

*INTRODUCTION :*

1. The Bible clearly reveals what the sinner must do in order to be saved.

   a. All must realize that they have sinned and need to obey God.

   b. All must obey the same gospel in order to be saved.

2. This study in the main will deal with the first principles of the gospel. 3. The question under consideration implies that one must do something to be saved and that is exactly right.

DISCUSSION :

## A. The Sinner Must Hear The Gospel of Christ.

1. Faith comes by hearing the will of God. (Rom. 10:17).

2. After one has heard the truth then he is in a position to obey it. (Acts 8).

## B. The Sinner Must Obey the Commands of The gospel.

1. He must believe in Christ. (John 14:1).
2. He must repent of his sins. (Lk. 13:5).
3. He must confess Christ before men. (Matt. 10:32).
4. He must be baptized for the remission of sins. (Acts 2:38).

## C. The Sinner Must Become A Member Of The Lord's Church.

1. Through obedience one is saved. (Mk. 16:16).
2. The saved are added to the church. (Acts. 2:47).
3. One must be a member of the church to be saved. (Eph. 5:23).
4. The Lord will return for his church. (Eph. 5:27).

## D. The Sinner Must Wear The Name Of Christ.

1. To obey the gospel is to become a child of God. (Gal. 3:27).

2. As a child of God one is to wear the name of Christ. (1 Pet. 4:16). 3. Salvation is in the name of Christ. (Acts. 4:12).

**E. The Sinner Must Accept The Bible Way.**

1. Only the gospel of Christ will save. (Mk. 16:15, 16). 2. If one accepts another gospel then he will be lost. (Gal. 1:7-9). 3. The Lord will punish those who fail to obey his will. (2 Thess. 1:7-9).

**F. The Sinner Must Follow The Lord.**

1. Christ is the one and only way. (John 14:6). 2. Must walk in the steps of Christ. (1 Pet. 2:21).

CONCLUSION :

1. There are many ways of emphasizing the importance of obeying the Lord. 2. There are also a number of examples to be found in the book of Acts. 3. The main thing is to follow the safe course with respect to these matters and all will be well with your soul.

- J.C. Choate

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)